# MICROFINANCE INSTITUTIONS NETWORK

## Media Visibility Report

## Bargarh District Magistrate, Shri Jyoti Ranjan Pradhan meets with all operative Microfinance institutions

**Date of Dissemination: July 10, 2020**

# Media Coverage Index

| S. No. | Date | Publication Name | Edition |
|---|---|---|---|
| **1.** | 11.07.2020 | Samaja | Balasore, Orissa |
| **2.** | 11.07.2020 | Sambad | Balasore, Orissa |
| **3.** | 11.07.2020 | Prameya | Balasore, Orissa |

| Publication | Samaja |
|---|---|
| Edition | Orissa [All Editions] |
| Date | 11th July, 2020 |
| Page No. | 15 |

# ମାଇକ୍ରୋଫାଇନାନ୍ସ ଅଧିକାରୀଙ୍କ ବୈଠକ



ବରଗଡ଼, ୧ ୦।୭(ସପ୍ର): ବରଗଡ଼ ଜିଲାର ସମସ୍ତ ମାଇକ୍ରୋଫାଇନାନ୍ସର ପ୍ରତିନିଧି ମାନଙ୍କୁ ନେଇ ଜିଲାପାଳ ଜ୍ୟୋତି ରଂଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଶ୍ରୀ ପ୍ରଧାନ ଉକ୍ତ ବୈଠକରେ ଆର୍‌ବିଆଇ ଦ୍ୱାରା ନିର୍ଦ୍ଧାରୀତ ଋଣ ଅସୁଲି ନିୟମକୁ ପାଳନ କରିବା ପାଇଁ ଅଧିକାରୀ ମାନଙ୍କୁ ଆହ୍ୱାନ କହିଥିଲେ। ଉପସ୍ଥିତ ଅଧିକାରୀମାନେ ଆର୍‌ବିଆଇ ପ୍ରଦତ୍ତ ନିୟମାବଳୀ ପାଳନ ପୂର୍ବକ ଋଣ ଗ୍ରହୀତା ମାନଙ୍କୁ ସୁବିଧା ସୁଯୋଗ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଲଡିଏମ୍ ସୀତାରାମ ମେହେର ସଂଯୋଜନା କରିଥିଲେ।

| | |
|---|---|
| **Publication** | Sambad |
| **Edition** | Orissa [All Editions] |
| **Date** | 11th July, 2020 |
| **Page No.** | 04 |

# ଜିଲ୍ଲାପାଳ-ମାଇକ୍ରୋ ଫାଇନାନ୍ସ ଅଧିକାରୀ ଆଲୋଚନା

ବରଗଡ଼, ୧୦।୭ (ଇମିସ): ଲକ୍‌ଡାଉନ୍ ବେଳେ ବିଭିନ୍ନ ମାଇକ୍ରୋ ଫାଇନାନ୍ସ କର୍ମଚାରୀ ମାସିକ କିସ୍ତି ଅସୁଲି ସହ ହିତାଧିକାରୀଙ୍କୁ ଦୁର୍ବ୍ୟବହାର କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ

## ସଚେତନତାକୁ ଗୁରୁତ୍ୱ

ହୋଇଛି। ଏହାର ସମାଧାନ ପାଇଁ ଶୁକ୍ରବାର ଜିଲ୍ଲାପାଳ ଜ୍ୟୋତିରଂଜନ ପ୍ରଧାନ, ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ସୀତାରାମ ମେହେରଙ୍କ ଉପସ୍ଥିତିରେ ସ୍ଥାନୀୟ ଡିଆର୍‌ଡିଏ ସମ୍ମିଳନୀ କକ୍ଷଠାରେ ଜିଲ୍ଲାରେ କାର୍ଯ୍ୟରତ ମାଇକ୍ରୋ ଫାଇନାନ୍ସ ଅଧିକାରୀଙ୍କୁ ନେଇ ବୈଠକ ବସିଛି। ଆର୍‌ବିଆଇ ଦ୍ୱାରା କିସ୍ତି ପୈଠକୁ ୨୦୨୦ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। କିନ୍ତୁ ଫାଇନାନ୍ସ କମ୍ପାନି ଋଣ ଛାଡ଼ କରିପାରିବେ ନାହିଁ। ଯେଉଁ ଗ୍ରାହକମାନେ ଋଣ ନେଇଛନ୍ତି ସେମାନେ ଏହି ଅବଧି ପର୍ଯ୍ୟନ୍ତ ମୋରାଟୋରିୟମ ସୁବିଧା ନେଇପାରିବେ। ମୋରାଟୋରିୟମ ଅବଧି କାଳରେ ଆର୍‌ବିଆଇ ନିର୍ଦ୍ଦେଶାବଳୀ ଅନୁଯାୟୀ ଋଣର ବକେୟା ଥିବା ଅଂଶ ଉପରେ ସୁଧ ପ୍ରଯୁଜ୍ୟ ହେବ ଏବଂ ତାହା ଆଦାୟ କରାଯିବ। କିସ୍ତି ପୈଠ କରିବାକୁ ସମର୍ଥ ମାଇକ୍ରୋଫାଇନାନ୍ସ ଗ୍ରାହକମାନେ ମୋରାଟୋରିୟମ ସମୟର ଅତିରିକ୍ତ ସୁଧକୁ ଏଡାଇବା ପାଇଁ ସଂପ୍ରତି କିସ୍ତି ପୈଠ କରିପାରିବେ। ଯେଉଁମାନେ କିସ୍ତି ପରିଶୋଧ କରିବାକୁ ଅସମର୍ଥ ସେମାନେ ମୋରାଟୋରିୟମ ନେଇପାରିବେ ବୋଲି ନିଷ୍ପତ୍ତି ହୋଇଛି। ଏଥିପାଇଁ ଫାଇନାନ୍ସ କମ୍ପାନିର କର୍ମଚାରୀ ଗ୍ରାହକଙ୍କୁ ସଚେତନ କରିବେ। ସୂଚନା ମୁତାବକ, ଜିଲ୍ଲାର ୧.୪୮ ଲକ୍ଷ ମହିଳାଙ୍କୁ ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡ଼ିକ ପକ୍ଷରୁ ଋଣ ଯୋଗାଇ ଦିଆଯାଇଛି।



| Publication | Prameya |
|---|---|
| Edition | Orissa [All Editions] |
| Date | 11th July, 2020 |
| Page No. | 9 |

# ଋଣଛାଡ଼ ଅସମ୍ଭବ, ଅଗଷ୍ଟ ୩୧ ଯାଏଁ କିସ୍ତି ପୈଠ

## ଜିଲ୍ଲାପାଳଙ୍କ ସହିତ ଆଲୋଚନା କଲେ ମାଇକ୍ରୋ ଫାଇନାନ୍ସ ପ୍ରତିନିଧି

ବରଗଡ଼,୧୦।୭(ଆପ୍ର): କରୋନା ମହାମାରୀ ଭୟାବହତା ଅନୁଧ୍ୟାନ କରି ରିଜର୍ଭ ବ୍ୟାଙ୍କ କିସ୍ତି ପୈଠ ତାରିଖ ଅଗଷ୍ଟ ୩୧ ଯାଏଁ ଘୁଞ୍ଚାଇଛନ୍ତି। ଋଣଛାଡ଼ ସମ୍ଭବ ନୁହେଁ, ତେବେ ଋଣୀମାନେ ଚାହିଁଲେ ୩୧ ଅଗଷ୍ଟ ଯାଏଁ ମୋରାଟୋରିୟମ ସୁବିଧା ନେଇପାରିବେ ବୋଲି ମାଇକ୍ରୋ ଫାଇନାନ୍ସ ଇନଷ୍ଟିଚ୍ୟୁସନ ନେଟୱର୍କ (ଏମଏଫଆଇଏନ) ଓ ମାଇକ୍ରୋ ଫାଇନାନ୍ସ ଇଣ୍ଡଷ୍ଟ୍ରିଜ ଆସୋସିଏସନ ଅଫ୍ ଇଣ୍ଡିଆର ଓଡ଼ିଶା ପ୍ରତିନିଧିମାନେ ବରଗଡ଼ରେ ପ୍ରକାଶ କରିଛନ୍ତି।

ସରକାରୀ ନିର୍ଦ୍ଦେଶ ସତ୍ତ୍ୱେ ବରଗଡ଼ ଜିଲ୍ଲାରେ ମାଇକ୍ରୋ ଫାଇନାନ୍ସ କମ୍ପାନିର ପ୍ରତିନିଧି ଋଣୀଙ୍କୁ ଧମକ ଚମକ ଦେଇ ଋଣ ଆଦାୟ କରିବା ଘଟଣାକୁ ନେଇ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ବଢ଼ିବାରେ ଲାଗିଥିଲା। ଯାହାକୁ ଅନୁଧ୍ୟାନ କରି ଅତିରିକ୍ତ ଜିଲ୍ଲାପାଳ ମିର୍ଦ୍ଧା ଟପ୍ପୋ ସମସ୍ତ ମାଇକ୍ରୋଫାଇନାନ୍ସ କମ୍ପାନିର ପ୍ରତିନିଧିଙ୍କୁ ଡ଼ାକି ଋଣ ଆଦାୟ ଉପରେ ସମ୍ପୂର୍ଣ୍ଣ ନାସ୍ତିବାଣୀ ଶୁଣାଇଥିଲେ। ତଥାପି ମଧ୍ୟ ଅବ୍ୟବସ୍ଥା ଲାଗି ରହିଥିବାରୁ ବରଗଡ଼ ଜିଲ୍ଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଆଜି ମାଇକ୍ରୋ ଫାଇନାନ୍ସ କମ୍ପାନିର ଉଚ୍ଚସ୍ତରୀୟ ଅଧିକାରୀଙ୍କ ସହିତ ଆଲେଚନା କରିଥିଲେ।

ସ୍ଥାନୀୟ ଡିଆରଡିଏ ସଭାକକ୍ଷରେ ବରଗଡ଼ ଜିଲ୍ଲା ଲିଡ୍‌ବ୍ୟାଙ୍କ ମ୍ୟାନେଜର ସୀତାରାମ ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ପ୍ରଧାନ ମୋରାଟୋରିୟମ ଉପରେ ଆଲୋଚନା କରି ଏହାକୁ ଆପଣେଇଥିବା ଋଣୀଠାରୁ ଋଣ ବକେୟା ଅଂଶ ଉପରେ ସୁଧ ଆଦାୟ କରାଯିବ ବୋଲି ସୂଚନା ଦେଇଥିଲେ। ତେବେ ଏ ଉପରେ ନିଜ ମତରଖି କମ୍ପାନି ପ୍ରତିନିଧିମାନେ ମୋରାଟୋରିୟମ ସୁବିଧା ନେବେ କି ନାହିଁ, ଗ୍ରାହକଙ୍କ ସହ ଯୋଗଯୋଗ କରୁଥିବା ସୂଚନା ଦେଇଥିଲେ। ମୋରାଟୋରିୟମ କ୍ଷେତ୍ରରେ ଲାଗୁ ସୁଧ ବିଷୟକରେ ଗ୍ରାହକଙ୍କୁ ଅବଗତ କରାଯାଉଛି ବୋଲି ସୂଚନା ଦେଇ କୋଭିଡ଼ ମୁକାବିଲା କ୍ଷେତ୍ରରେ ମାଇକ୍ରୋ ଫାଇନାନ୍ସ କମ୍ପାନିମାନେ ଗ୍ରାହକଙ୍କ ସହ ଛିଡ଼ା ହେବା ସହିତ ସେମାନଙ୍କ ଜୀବିକାକୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ପାଇଁ ପଦକ୍ଷେପ ନେଉଥିବା ଅବଗତ କରିଥିଲେ। ଋଣ ଆବଶ୍ୟକତାକୁ ବୁଝି ତଦନୁଯାୟୀ ଋଣ ପ୍ରଦାନ କରାଯାଉଥିବା ସୂଚନା ଦେଇଥିଲେ। ଋଣୀଙ୍କ ସ୍ୱାର୍ଥ ସୁରକ୍ଷିତ ରଖିବା ପାଇଁ ଏମଏଫଆଇଏସ ଦକ୍ଷ ଅଭିଯୋଗ ସମାଧାନ ପ୍ରକୋଷ୍ଠ ସ୍ଥାପନ କରି ଓଡ଼ିଆ ଭାଷାରେ ଗ୍ରାହକଙ୍କ ସମସ୍ୟା ସମାଧାନ କରୁଛି। ଏଣୁ ଏହାର ସୁବିଧା ଉଠାଇବାକୁ ପ୍ରତିନିଧିମାନେ ତାଙ୍କ ଋଣ କାର୍ଡ଼ରେ ଉଲ୍ଲେଖିତ ଟେଲିଫୋନ ନମ୍ବର ସହ ଯୋଗାଯୋଗ କରି ଏମଏଫଆଇଏନ ଏସଆରଓଙ୍କ ଦୃଷ୍ଟି ଗୋଚରକୁ ଆଣିପାରିବେ ବୋଲି ସୂଚନା ଦେଇ ଜିଲ୍ଲା ପ୍ରଶାସନର ସହଯୋଗ କାମନା କରିଥିଲେ। ବୈଠକରେ ବରଗଡ଼ ଜିଲ୍ଲାରେ କାମ କରୁଥିବା ସମସ୍ତ ମାଇକ୍ରୋ ଫାଇନାନ୍ସ କମ୍ପାନିର ପ୍ରତିନିଧିଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।